ଓଡ଼ିଆ ଲେଖିକା ସମ୍ମେଳନ

# 'ଓଡ଼ିଆ ସାହିତ୍ୟରେ ନାରୀ ମନସ୍ତତ୍ୱ ବାଲେଶ୍ୱରରୁ ଆରମ୍ଭ ହୋଇଥିଲା'

ବାଲେଶ୍ୱର,୧୪।୮(ଆ.ପ୍ର):ଦୀର୍ଘ ୨୬ ବର୍ଷର ବ୍ୟବଧାନ ପରେ ବାଲେଶ୍ୱରରେ ୨ୟ ଥର ପାଇଁ କେନ୍ଦ୍ରସାହିତ୍ୟ ଅକାଦେମୀ ସହାୟତାରେ ଓଡ଼ିଆ ଲେଖିକା ସମ୍ମେଳନ ରବିବାର ସ୍ଥାନୀୟ ପାଞ୍ଚସି ସମ୍ମେଳନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। 'କେନ୍ଦ୍ର ସାହିତ୍ୟ ଅକାଦେମୀ' ଓ 'ସ୍ୱର୍ଣ୍ଣଶ୍ରୀ ଯୁଗନାରୀ' ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ସାହିତ୍ୟରେ ନାରୀ ମନସ୍ତତ୍ୱ ବାଲେଶ୍ୱରରୁ ହିଁ ଆରମ୍ଭ ହୋଇଥିଲା ବୋଲି ନିଜ ଅଭିଭାଷଣରେ କହିଥିଲେ। ସେ କହିଥିଲେ; ଫକୀରମୋହନଙ୍କ 'ରେବତୀ' ଗଳ୍ପକୁ ଓଡ଼ିଆ ସାହିତ୍ୟର ପ୍ରଥମ ଗପ ଭାବେ ବିବେଚନା କରାଯାଏ। ଏହି ଗଳ୍ପଟି ନାୟିକା ରେବତୀ ଉପରେ କେନ୍ଦ୍ରୀଭୂତ ହୋଇଛି। ଏହା ନାରୀ ମନସ୍ତତ୍ୱର ପ୍ରଥମ ଉଦାହରଣ ବୋଲି କହିଥିଲେ।

ଏହି କାର୍ଯ୍ୟକ୍ରମକୁ ସାରଳା ପୁରସ୍କାର ବିଜେତା ବନଜ ଦେବୀ ଉଦ୍‌ଘାଟନ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ଡ. କ୍ଷିତୀଶ୍ୱର ଦାଶ ବେଦପାଠ କରିଥିଲେ। ଅମୃତାଂଶୁ ପଟ୍ଟନାୟକ ଓ ସାଥୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ପରେ 'ଲେଖିକାଙ୍କ ସାହିତ୍ୟରେ ନାରୀ ମନସ୍ତତ୍ୱ' ଶୀର୍ଷକ ଆଲୋଚନାଚକ୍ର ଆରମ୍ଭ ହୋଇଥିଲା। ଏଥିରେ ବନଜ ଦେବୀ



ମାନବିକ ମୂଲ୍ୟବୋଧର ଅଧୋଗତି ସଂପର୍କରେ ଆଲୋଚନା କରିଥିଲେ। ଏହା ଉପରେ ନାରୀ ଲେଖିକା ଅଧିକ ସଚେତନ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। କେନ୍ଦ୍ରସାହିତ୍ୟ ଅକାଦେମୀର ଆଂଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ତଥା ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ କବି ବିମଳ ଜେନା ନାରୀ ମନସ୍ତତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଭାଷଣ ପ୍ରଦାନ କରି ବିଜୟିନୀ ସିଂହଦେଓ ସରଳା ଦେବୀ, ଅର୍ଚ୍ଚନା ନାୟକ, କବିତା ବାରିକ, ବୀଣାପାଣି ମହାନ୍ତି, ପ୍ରତିଭା ରାୟ ଓ ମନୋରମା ବିଶ୍ୱାଳ ମହାପାତ୍ର ଆଦି କବୀଙ୍କ ଲେଖାରେ ନାରୀ ମନସ୍ତତ୍ୱର ଚିରନ୍ତନ ରୂପରେ ରୂପାୟିତ ବୋଲି ଉଦାହରଣ ଦେଇଥିଲେ।

ଦୀର୍ଘ ବର୍ଷ ପରେ ବାଲେଶ୍ୱରରେ ୨ୟ ଥର ପାଇଁ କେନ୍ଦ୍ରସାହିତ୍ୟ ଅକାଦେମୀ ସହାୟତାରେ ଲେଖିକା ସମ୍ମେଳନ ଅନୁଷ୍ଠିତ ହୋଇଥିବାରୁ 'ସ୍ୱର୍ଣ୍ଣଶ୍ରୀ ଯୁଗନାରୀ'ପତ୍ରିକାର ସଂପାଦିକା ମମତା ମହାପାତ୍ର ଅକାଦେମୀକୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ସେ ସମ୍ମେଳନର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ 'ସ୍ୱର୍ଣ୍ଣଶ୍ରୀ ଯୁଗନାରୀ'ର ଅଗଷ୍ଟ -୨୦୨୨ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ, ସହ-ସଂପାଦିକା ଡ. ପ୍ରଭାବତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଚାରିଟି ଅଧିବେଶନକୁ ନେଇ ଏହି ସମ୍ମେଳନ ଗଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ଡ. ଶକୁନ୍ତଳା ବଳିୟାର ସିଂହ ସଭାପତିତ୍ୱ କରିଥିଲେ। ଡ. ବିଷ୍ଣୁପ୍ରିୟା ଓତା, ଶରଣ୍ୟା ପଟ୍ଟନାୟକ, ଡ. ପ୍ରଭାତ ନଳିନୀ ମହାପାତ୍ର ପ୍ରବନ୍ଧ ପାଠ କରିଥିଲେ। ଡ. ମୀନାକ୍ଷୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ କବିତା ପାଠ ଅଧିବେଶନରେ ପ୍ରଭା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସୌରିଶ୍ରୀ ସାହୁ, ସୁଚିତ୍ରା ପାଣିଗ୍ରାହୀ, ଶୁଭଶ୍ରୀ ଲେଙ୍କା କବିତା ପାଠ କରିଥିଲେ। ଗୀତାଞ୍ଜଳି ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ତୃତୀୟ ଅଧିବେଶନରେ କ୍ଷୁଦ୍ରଗଳ୍ପ ପାଠ ସଭାରେ ପୁଷ୍ପାଞ୍ଜଳି ନାୟକ ସଭାପତିତ୍ୱ କରିଥିବା ବେଳେ ବୈଜୟନ୍ତୀ ମିଶ୍ର, ଜୟନ୍ତୀ ରଥ, ସିନ୍ଧୁ ସେନ ଗଳ୍ପ ପାଠ କରିଥିଲେ। ସ୍ମୃତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ତିମ ଅଧିବେଶନରେ କବି ଦୀପ୍ତି ଦାସ ସଭାପତିତ୍ୱ କରିଥିଲେ। ଅଞ୍ଜଳି ପଣ୍ଡା, ଚିତ୍ରାରାଣୀ ପାତ୍ର, ମନସ୍ୱିନୀ ଦେବୀ, ପ୍ରୀତିଲେଖା ଦାସ ସ୍ୱରଚିତ କବିତା ପାଠ କରିଥିଲେ। କମଳାକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ସାହିତ୍ୟିକ/ସାହିତ୍ୟିକା ଯୋଗଦେଇଥିଲେ।